# Telephonic Conversation between PM and Amir of the State of Qatar

March 26, 2020

# ପ୍ରଧାନମନ୍ତ୍ରୀ ଏବଂ କତାର ରାଜ୍ୟର ଅମିରଙ୍କ ମଧ୍ୟରେ ଟେଲିଫୋନ୍ ରେ କଥାବାର୍ତ୍ତା

ମାର୍ଚ୍ଚ 26, 2020

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି କତାର ରାଜ୍ୟର ଅମିର, ମହାମାନ୍ୟ ଶେଖ ତମୀମ୍ ବିନ୍ ହମଦ ଅଲ ଥାନୀଙ୍କ ସହିତ ଆଜି ଟେଲେଫୋନ୍ ରେ କଥାବାର୍ତ୍ତା କରିଛନ୍ତି।

ଉଭୟ ନେତାମାନେ COVID-19 ବିଶ୍ୱଜନିତ ମହାମାରୀ ସହିତ ସମ୍ବନ୍ଧିତ ଚାଲୁଥିବା ଘଟଣାକ୍ରମ ଏବଂ ଏହାର ସାମାଜିକ ତଥା ଅର୍ଥନୈତିକ ପ୍ରଭାବ ଉପରେ ଆଲୋଚନା କରିଥିଲେ। ସେମାନେ ଭାଇରସର ବିସ୍ତାରକୁ ଅଟକାଇବା ପାଇଁ ନିଜ ଦେଶରେ ନିଆଯାଇଥିବା ପଦକ୍ଷେପଗୁଡ଼ିକ ବିଷୟରେ ନୋଟ୍ ଗୁଡ଼ିକର ଆଦାନ-ପ୍ରଦାନ କରିଥିଲେ। ପ୍ରଧାନମନ୍ତ୍ରୀ SAARC ଦେଶଗୁଡିକ ମଧ୍ୟରେ ହାଲରେ ଆଞ୍ଚଳିକ ପଦକ୍ଷେପ ଏବଂ ଦିନରେ ଆୟୋଜିତ G -20 ନେତାମାନଙ୍କ ମଧ୍ୟରେ ଭର୍ଚୁଆଲ୍ ସମ୍ମିଳନୀ ବିଷୟରେ ମହାମାନ୍ୟ ଆମୀରଙ୍କୁ ସୂଚନା ଦେଇଛନ୍ତି।

ଉଭୟ ନେତା ଆଶା ପ୍ରକଟ କରିଛନ୍ତି ଯେ ସମସ୍ତ ପ୍ରଭାବିତ ଦେଶ ଦ୍ୱାରା ରୋଗର ବିସ୍ତାରକୁ ଅଟକାଇବା ପାଇଁ କରାଯାଉଥିବା ପ୍ରୟାସ ତଥା ଉପାୟରୁ ଶୀଘ୍ର ସକରାତ୍ମକ ଫଳାଫଳ ମିଳିବ। ସେମାନେ ମହାମାରୀର ମୁକାବିଲା ପାଇଁ ଅନ୍ତରାଷ୍ଟ୍ରୀୟ ସ୍ତରରେ ଏକତା ଏବଂ ସୂଚନା ବାଣ୍ଟିବାର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ।

ପ୍ରଧାନମନ୍ତ୍ରୀ କତାରରେ ରହୁଥିବା ଏବଂ କାର୍ଯ୍ୟ କରୁଥିବା ଭାରତୀୟ ନାଗରିକମାନଙ୍କ କଲ୍ୟାଣ ଉପରେ ବିଶେଷ ରୂପରେ ବର୍ତ୍ତମାନ ସ୍ଥିତିରେ ତାଙ୍କର ବ୍ୟକ୍ତିଗତ ଧ୍ୟାନ ଦେଇଥିବାରୁ ପ୍ରଧାନମନ୍ତ୍ରୀ ମହାମାନ୍ୟ ଶେଖ ତମୀମ୍ ବିନ୍ ହମଦ ଅଲ ଥାନୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ମହାମାନ୍ୟ ଅମୀର ପ୍ରଧାନମନ୍ତ୍ରୀଙ୍କୁ କତାରର ସମସ୍ତ ଭାରତୀୟ ପ୍ରବାସିମାନଙ୍କର ସୁରକ୍ଷା ଏବଂ କଲ୍ୟାଣ ବିଷୟରେ ଆଶ୍ୱାସନା ଦେଇଥିଲେ।

ପ୍ରଧାନମନ୍ତ୍ରୀ ଏବଂ ମହାମାନ୍ୟ ଅମୀର ବିକାଶଶୀଳ ପରିସ୍ଥିତି ଉପରେ ନିୟମିତ ଯୋଗାଯୋଗ ଏବଂ ପରାମର୍ଶ ବଜାୟ ରଖିବାକୁ ରାଜି ହୋଇଥିଲେ।

**ନୂଆ ଦିଲ୍ଲୀ**
**ମାର୍ଚ୍ଚ 26, 2020**

DISCLAIMER : This is an approximate translation. The original is available in English on MEA’s website and may be referred to as the official press release.